# ଧାନରେ ଚକଡା ପୋକ ପରିଚାଳନା ପାଇଁ କେତେକ ଉପାଦେୟ ତଥ୍ୟ

**ଚକଡା ପୋକ ଚିହ୍ନିବେ କିପରି ?**



ଚକଡା ପୋକ ଦେଖିବାକୁ ଇଷତ ମାଟିଆ ରଙ୍ଗର ଓ ୩-୪ ମିଲିମିଟର ଲମ୍ବା | ପୂର୍ଣାଙ୍ଗ ଅବସ୍ଥାରେ ଏମାନେ ଉଭୟ ଲମ୍ବା ଓ ଛୋଟ ଡେଣାଯୁକ୍ତ ହୋଇଥାନ୍ତି | ଅନୁକୂଳ ପାଗରେ ବିଶେଷ ଭାବରେ ଛୋଟ ଡେଣାଯୁକ୍ତ ଦେଖାଯାନ୍ତି ଓ ଅତି ଶୀଘ୍ର ବଂଶ ବିସ୍ତାର କରିଥାନ୍ତି | ସାଧାରଣତଃ ଉଭୟ ପୂର୍ଣାଙ୍ଗ ଓ ଅର୍ଭକ କୀଟଗୁଡିକ ଧାନ ବୁଦାର ମୂଳଭାଗରେ ମେଞ୍ଚା ମେଞ୍ଚା ହୋଇ ଲାଗିଥାନ୍ତି |

**ଚକଡା ପୋକ କିପରି ବୃଦ୍ଧି ପାଏ ?**

ଠିଆ ପାଣି, ଅତ୍ୟଧିକ ଜବକ୍ଷାରଜାନ ସାରା ପ୍ରୟୋଗ ଓ ଅଧିକ ଘଞ୍ଚ ଧାନ ଥିବା କ୍ଷେତ୍ରରେ ଏମାନେ ଶୀଘ୍ର ବଢିଥାନ୍ତି | ବର୍ଷାଦିନେ ଅତ୍ୟଧିକ ଆଦ୍ରତା ସହ ଦିନର ତାପମାତ୍ରା ୨୮-୩୦° ସେଲସିୟସ ହୋଇଥିଲେ ଏହି ପୋକର ବଂଶ ବିସ୍ତାର ପାଇଁ ଅନୁକୂଳ ହୋଇଥାଏ ଓ ଧାନ ଫସଲ ଅଧିକ କ୍ଷତିଗ୍ରସ୍ତ ହୋଇଥାଏ |

**କ୍ଷତିର ଲକ୍ଷଣ**



ଉଭୟ ଅର୍ଭକ ଓ ପୂର୍ଣାଙ୍ଗ କୀଟ ଫସଲ ଦେହରୁ ରସ ଶୋଷି ଖାଇବା ଦ୍ୱାରା ଗଛ ସୁଖୀ ମରିଯାଏ | ଯାହାକୁ 'ହପରବର୍ଣ୍ଣ' ବା 'ଗୁଣ୍ଡିଜ୍ୱଳନ' କୁହାଯାଏ | ସାଧାରଣତଃ ଏ ପ୍ରକାର ଲକ୍ଷଣ ଚକଡା ଚକଡା ହୋଇ ଧାନ ବିଲରେ ଦେଖାଯାଏ ଓ ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ କିଆରୀକୁ ମାଡିଯାଏ | ଏହା ଦ୍ୱାରା ସମୟ ସମୟରେ ଫସଲ ସମ୍ପୂର୍ଣ ନଷ୍ଟ ହେବାର ସମ୍ଭାବନା ଥାଏ |

**ଚକଡା ପୋକ ପରିଚାଳନା କରିବେ କିପରି?**

୧) ଆକ୍ରାନ୍ତ କିଆରୀରୁ ଠିଆପାଣି ନିଷ୍କାସନ କରନ୍ତୁ |

୨) ଫସଲ ଯଦି କ୍ଷୀର ଢୋକିବା ଅବସ୍ଥାରେ ଥାଇ ତେବେ ଅଦଳବଦଳ କରି ଜଳସେଚନ କରନ୍ତୁ |

୩) ପ୍ରତି ୬ ଫୁଟ ଅନ୍ତରରେ କନ୍ଦି ପାହି ତିଆରି କରିଦିଅନ୍ତୁ | ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ |

**୪) ନିମ୍ନଲିଖିତ ଅନୁମୋଦିତ କୀଟନାଶକକୁ ଦିଆଯାଇଥିବା ସାରଣୀ ଅନୁସାରେ ପ୍ରୟୋଗ କଲେ ଚକଡା ପୋକ ସହଜରେ ନିୟନ୍ତ୍ରଣ କରାଯାଇ ପାରିବ –**

| କ୍ର. ସଂ. | କୀଟନାଶକର ନାମ | ଏକର ପ୍ରତି ସକ୍ରୀୟ ତତ୍ୱର ମାତ୍ରା | ଏକର ପ୍ରତି କୀଟନାଶକ ଦ୍ରବଣ | |
|---|---|---|---|---|
| | | | ହସ୍ତଚାଳିତ ସିଞ୍ଚନ ଜନ୍ତ୍ର | ଶକ୍ତିଚାଳିତ ସିଞ୍ଚନ ଜନ୍ତ୍ର |
| ୧ | ଟ୍ରାଇଫ୍ଲୁମିଜୋପ୍ୟରିମ ୧୦ ଏସ।ସି (ପେକ୍ସାଲୋନ) | ୯୪ ଗ୍ରାମ | ୨୦୦ ଲିଟର | ୭୦ ଲିଟର |
| ୨ | ଫ୍ଲୋନିକାମାଇଡ ୫୦% ଡବ୍ଲୁ.ପି (ଉଲାଲା) | ୬୦ ଗ୍ରାମ | ୨୦୦ ଲିଟର | ୭୦ ଲିଟର |
| ୩ | ଡାଇନୋଟିଫ୍ୟୁରନ ୫୦% ଡବ୍ଲୁ.ଜି (ଓସୀନ) | ୮୦ ଗ୍ରାମ | ୨୦୦ ଲିଟର | ୭୦ ଲିଟର |
| ୪ | ପାଇମେଟ୍ରୋଜିନ ୫୦% ଡବ୍ଲୁ.ଜି (ଚେସ୍) | ୧୨୦ ଗ୍ରାମ | ୨୦୦ ଲିଟର | ୭୦ ଲିଟର |

୫) ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକକୁଡିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିବେ ।

୬) ଦରକାର ପଡିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତନ କରି ସିଞ୍ଚନ କରନ୍ତୁ । ଅର୍ଥାତ ଏକା ଔଷଧ କୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ ।

୭) କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ ।

**କେଉଁ କିଆରୀରେ କୀଟନାଶକ ପ୍ରୟୋଗ କରିବେ ?**

ଧାନ ଫସଲ କ୍ଷୀର ଢୋକିବା ବା ଏହାର ପୂର୍ବାବସ୍ଥାରେ ଥିଲେ ଏବଂ ବୁଦା ପ୍ରତି ୧୦ଟି କିମ୍ବା ତା ଠାରୁ ଅଧିକ ପୂର୍ଣାଙ୍ଗ ପୋକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ ।

**କଣ କରିବେ ନାହିଁ**

୧) ଗୋଟିଏ କୀଟନାଶକକୁ ବାରମ୍ବାର ବ୍ୟବହାର କରନ୍ତୁ ନାହିଁ ।

୨) ଧାନ ଅମଳ ଉପଯୋଗୀ ହୋଇଥିଲେ କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ ।

୩) ଏକାଧିକ କୀଟନାଶକକୁ ମିଶ୍ରଣ କରି ପ୍ରୟୋଗ କରନ୍ତୁ ନାହିଁ ।

୪) ବିନା ଅନୁମୋଦିତ କୀଟନାଶକ ଆଦୌ ପ୍ରୟୋଗ କରନ୍ତୁ ନାହିଁ ।

୫) ଚକଡା ପୋକ ସଂକ୍ରମିତ ଜମିରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ ।

୬) ସିନ୍ଥେଟିକ ପାଇରିଥ୍ରଏଡ (ସାଇପରମେଥ୍ରିନ), କ୍ଲୋରୋପାଇରିଫସ, କ୍ୟୁନାଲଫସ, ମିଥାଇଲ ପାରାଥିଅନ ଆଦି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ ।

ଆକ୍ରାନ୍ତ ଫସଲକୁ ନିଆଁ ଲଗାନ୍ତୁ ନାହିଁ

**ଆକ୍ରାନ୍ତ ଫସଲ କୁ ନିଆଁ ଲଗାଇବା ଦ୍ୱାରା ନିମ୍ନଲିଖିତ ଅସୁବିଧା ହୁଏ |**

୧) ଫସଲ ପୋଡିବା ଦ୍ୱାରା ଡେଣାଯୁକ୍ତ ମାଈ **ଚକଡା** ପୋକ ପାଖ ଫସଲକୁ ଉଡିଯାଇ କ୍ଷତିର ପରିମାଣ ବୃଦ୍ଧି କରିବାର ସମ୍ଭାବନା ଥାଏ |

୨) ଫସଲ ପୋଡିବା ଦ୍ୱାରା ଜମିର ଆଦ୍ରତା ହ୍ରାସ ପାଏ ଫଳରେ ରବିଚାଷ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି |

୩) ନିଆଁ ଦ୍ୱାରା ଉପକାରୀ କୀଟ ଓ ବୁଢିଆଣୀ ମାରିଯାଆନ୍ତି, ଯଦ୍ୱାରା ପରବର୍ତୀ ଫସଲରେ କୀଟ ପାର୍ଦୁଭାବ ଅତ୍ୟଧିକ ମାତ୍ରାରେ ଦେଖା ଯିବାର ସମଭାବନ ଥାଏ |

୪) ଏହା ଦ୍ୱାରା ମାଟିର ଜୈବିକ ଅଂଶ ହ୍ରାସ ପାଇ ଉର୍ବରତା କମିଯାଏ | ଫଳରେ ପରବର୍ତ୍ତୀ ଫସଲରେ ଅଧିକ ପରିମାଣର ସାରା ପ୍ରୟୋଗ କରିବା ଦରକାର ପଡେ |

୫) ଏହା ଦ୍ୱାରା ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ ହୋଇ ପରିବେଶ ପ୍ରଦୂଷଣ ହୁଏ ଓ ଗୃହପାଳିତ ପଶୁ ପାଖିମାନଙ୍କ ଉପରେ କୁପ୍ରଭାବ ପକାଏ |